# NATIONAL BULLETIN (ODIA)

## Morning : 7.15 a.m.

## 1 September - 2024

******************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ପୁଞ୍ଜି ନିବେଶ ପାଇଁ ଭାରତ ବିଶ୍ୱର ସବୁଠାରୁ ସୁରକ୍ଷିତ ରାଷ୍ଟ୍ର ।
- ବାୟୋ ଟେକ୍ନୋଲୋଜି ନୀତି ୨୦୨୪କୁ ଉନ୍ମୋଚନ କଲେ କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ।
- ତ୍ରିପୁରାରେ ବେଆଇନ ପ୍ରବେଶ ଅଭିଯୋଗରେ ୯ଜଣ ଗିରଫ
- ପୋଲିଓ ଟିକାକରଣ ପାଇଁ ଇସ୍ରାଏଲ୍ ଏବଂ ହମାସ୍ ମଧ୍ୟରେ ୩ ଦିନ ଲଢ଼େଇ ବନ୍ଦ ।

ଏବଂ

- ପାରା ଅଲିମ୍ପିକ୍ସରେ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ପୁରୁଷ ବର୍ଗରେ ସୁକାନ୍ତ କଦମ୍ବ ଏବଂ ସୁହାସ୍ ଯତିରାଜ ସେମିଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ

## ପିଏମ୍-ଅର୍ଥନୈତିକ ବିଶ୍ୱନେତା ସମ୍ମିଳନୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତରେ ବ୍ୟବସାୟ କ୍ଷେତ୍ରରେ ସୁବିଧା, ସଂସ୍କାର ଏବଂ ସ୍ଥିର ନୀତି ଓ ଉଚ୍ଚ ଅଭିବୃଦ୍ଧିର ପ୍ରତିଶ୍ରୁତି ଦେଇଛନ୍ତି । ଇ.ଟି. ବିଶ୍ୱନେତା ଫୋରମକୁ ସମ୍ବୋଧିତ କରି ଶ୍ରୀ ମୋଦୀ କହିଛନ୍ତି ପୁଞ୍ଜି ନିବେଶ ପାଇଁ ଭାରତ ବିଶ୍ୱର ସବୁଠାରୁ ସୁରକ୍ଷିତ ରାଷ୍ଟ୍ର । ଉଦଭାବନ, କାର୍ଯ୍ୟଦକ୍ଷତା, ସକାରାତ୍ମକ ଚିନ୍ତାଧାରା ଏବଂ ଉଚ୍ଚ ଗୁଣବତ୍ତା ଉତ୍ପାଦ ପାଇଁ ତାଙ୍କ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି । ଚଳିତବର୍ଷ ନିର୍ବାଚନର ଫଳାଫଳ ଦେଶବାସୀଙ୍କ ରାଜନୈତିକ ସ୍ଥିରତା, ଅର୍ଥନୀତିକ ଅଭିବୃଦ୍ଧିକୁ ପସନ୍ଦ କରିଥିବା ଦର୍ଶାଉଛି । ଭାରତରେ ବିଭିନ୍ନ କ୍ଷେତ୍ରରେ ସଂସ୍କାରର ପ୍ରଭାବ ଏହାର ଅର୍ଥନୀତିରେ ପ୍ରତିଫଳିତ ହେଉଛି ବୋଲି ସେ କହିଛନ୍ତି। ସବୁଜ ଉଦ୍‌ଯାନ, ସେମିକଣ୍ଡକ୍ଟର, ଗଭୀର ମହାସାଗର ଏବଂ ମହାସାଗର କ୍ଷେତ୍ରରେ କେନ୍ଦ୍ର ସରକାର ନେଉଥିବା ପଦକ୍ଷେପ ଗୁଡ଼ିକ ଉପରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଛନ୍ତି । ସେ କହିଛନ୍ତି ବୈଶ୍ୱିକ କ୍ଷେତ୍ରରେ ସୃଷ୍ଟି ହେଉଥିବା ଆହ୍ୱାନ ଗୁଡ଼ିକର ମୁକାବିଲା ପାଇଁ ଭାରତ ପ୍ରସ୍ତୁତ । ବିଶ୍ୱ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ କେନ୍ଦ୍ର ଭାବେ ଭାରତକୁ ପ୍ରତିପାଦିତ କରିବା ପାଇଁ କେନ୍ଦ୍ର ସରକାର କାର୍ଯ୍ୟ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଗତ ୧୦ବର୍ଷ ମଧ୍ୟରେ ୧ଲକ୍ଷ ଡାକ୍ତରୀ ପାଠ୍ୟକ୍ରମରେ ସିଟ୍ ବୃଦ୍ଧି କରାଯାଇଛି ଏବଂ ଆଗାମୀ ୫ ବର୍ଷରେ ଆଉ ୭୫ ହଜାରରୁ ଅଧିକ ସିଟ୍

ବଢ଼ାଇବା ପାଇଁ ଲକ୍ଷ୍ୟ ରଖାଯାଇଛି । ୨୫ କୋଟିରୁ ଅଧିକ ଲୋକ ଇତିମଧ୍ୟରେ ଦାରିଦ୍ର୍ୟ ସୀମାରେଖାରୁ ଉପରକୁ ଉଠିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିବା ସହ ସଂସ୍କାର, ପ୍ରଦର୍ଶନ ଏବଂ ରୂପାନ୍ତରଣର ମନ୍ତ୍ର ନେଇ ଦେଶବାସୀଙ୍କ ଜୀବନରେ ବଡ଼ ପରିବର୍ତ୍ତନ ଆଣିବାରେ କେନ୍ଦ୍ର ସରକାର ସଫଳ ହୋଇଛନ୍ତି ।

## ବାୟୋ ଟେକ୍ନୋଲୋଜି ନୀତି–୨୦୨୪

କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ ଗତକାଲି ନୂଆଦିଲ୍ଲୀଠାରେ ବାୟୋ ଟେକ୍ନୋଲୋଜି (ବାୟୋ ଇ-ଥ୍ରୀ) ନୀତି ୨୦୨୪କୁ ଉନ୍ମୋଚନ କରିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ଡକ୍ଟର ସିଂ କହିଛନ୍ତି ଦେଶରେ ଅର୍ଥନୀତି, ପରିବେଶ ଏବଂ ନିଯୁକ୍ତି କ୍ଷେତ୍ରକୁ ଅଧିକ ସଶକ୍ତ କରିବା ଲକ୍ଷ୍ୟରେ ଏହି ନୀତି ପ୍ରଣୟନ କରାଯାଇଛି । ଏହାଦ୍ୱାରା ବାୟୋ ଉତ୍ପାଦନ ପ୍ରୋତ୍ସାହିତ ହେବ । ଖାଦ୍ୟ, ଶକ୍ତି ଏବଂ ସ୍ୱାସ୍ଥ୍ୟ ଭଳି ବିଭିନ୍ନ କ୍ଷେତ୍ରରେ ଏହାର ପ୍ରଭାବ ଦେଖିବାକୁ ମିଳିବ ବୋଲି ସେ କହିଛନ୍ତି । ସରକାରୀ ଏବଂ ଘରୋଇ ଉଦ୍ୟୋଗ ସହଭାଗିତାରେ ଶିଳ୍ପକ୍ଷେତ୍ରକୁ ପ୍ରୋତ୍ସାହିତ କରି ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏହି ନୀତିର ଅଂଶବିଶେଷ ବୋଲି ସେ କହିଛନ୍ତି ।

ଏହି ନୀତି ଦ୍ୱାରା ଦେଶର ଜୈବ ଅର୍ଥନୀତି ତ୍ୱରାନ୍ୱିତ ହେବ ଏବଂ ଅଭିବୃଦ୍ଧି କ୍ଷେତ୍ରରେ ଉଲ୍ଲେଖନୀୟ ଉନ୍ନତି ଘଟିବ ବୋଲି ସେ କହିଛନ୍ତି ।

ସୂଚନାଯୋଗ୍ୟ ଗତ ମାସ ୨୪ ତାରିଖରେ କେନ୍ଦ୍ର କ୍ୟାବିନେଟ୍ ବାୟୋଇ-ଥ୍ରୀ ନୀତିକୁ ଅନୁମୋଦନ କରିଛି ।

## ଜେପିସି- ମୁସଲିମ୍ ପ୍ରତିନିଧି ମଣ୍ଡଳୀ

ୱାକଫ ସଂଶୋଧନ ବିଲ୍-୨୦୨୪ରେ ଦିଆଯାଇଥିବା ପ୍ରସ୍ତାବଗୁଡ଼ିକୁ ମୁସଲମାନ ଧାର୍ମିକ ନେତାମାନେ ସମର୍ଥନ କରିଛନ୍ତି । କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏବଂ ସଂସଦୀୟ ଯୁଗ୍ମ କମିଟିର ଅଧ୍ୟକ୍ଷ ଜଗଦମ୍ବିକା ପାଲ୍ଙ୍କୁ ମୁସଲମାନ ଧାର୍ମିକ ନେତାମାନଙ୍କର ଏକ ପ୍ରତିନିଧି ମଣ୍ଡଳୀ  ଭେଟି ଏ ସଂପର୍କରେ ଆଲୋଚନା କରିଛନ୍ତି । ଅଖିଳ ଭାରତୀୟ ସୁଫି ସଜ୍ଜାଦାନସିନ୍ ପରିଷଦର ଅଧ୍ୟକ୍ଷ ତଥା ଆଜମେର ଦରଘାର ମୁଖ୍ୟ ସୟଦ ନସିରୁଦ୍ଦିନ ଚିସ୍ତେଙ୍କ ଅଧ୍ୟକ୍ଷତାରେ ଆସିଥିବା ଏହି ପ୍ରତିନିଧି ମଣ୍ଡଳୀ ୱାକଫ ସଂଶୋଧନ ବିଲ୍ ଏବଂ ମୁସଲମାନ ସଂପ୍ରଦାୟଙ୍କ ପ୍ରସଙ୍ଗକୁ ନେଇ ଆଲୋଚନା କରିଥିଲେ ।

ସୂଚନାଯୋଗ୍ୟ ସଂସଦୀୟ ଯୁଗ୍ମ କମିଟିର ୩୧ ଜଣ ସଦସ୍ୟଙ୍କ ମଧ୍ୟରୁ ଲୋକସଭାର ୨୧ ଜଣ ଏବଂ ରାଜ୍ୟସଭାର ୧୦ଜଣ ସାଂସଦ ରହିଛନ୍ତି ।

## ହରିଆନା-ଜେକେ-ନିର୍ବାଚନ

ନିର୍ବାଚନ ଆୟୋଗ ହରିଆନାରେ ହେବାକୁ ଥିବା ବିଧାନସଭା ନିର୍ବାଚନ ତାରିଖ ପରିବର୍ତ୍ତନ କରିଛନ୍ତି । ଆସନ୍ତା ଅକ୍ଟୋବର ୧ ତାରିଖ ପରିବର୍ତ୍ତେ

୫ ତାରିଖରେ  ମତଦାନ ଅନୁଷ୍ଠିତ ହେବ । ସେହିଭଳି ଅକ୍ଟୋବର ୪ ତାରିଖ ପରବର୍ତ୍ତେ ୮ ତାରିଖରେ ଭୋଟ ଗଣତି କରାଯିବ ।  ଜାମ୍ମୁ କାଶ୍ମୀରରେ ମଧ୍ୟ ଭୋଟ୍ ଗଣନା ଅକ୍ଟୋବର ୮ ତାରିଖରେ  ହେବ ବୋଲି ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

## ଆୟୁଷ ମନ୍ତ୍ରଣାଳୟ

ଦେଶରେ ଆଗାମୀ ୫ ବର୍ଷ ମଧ୍ୟରେ ୧୦ଟି ନୂତନ ଆୟୁଷ ପ୍ରତିଷ୍ଠାନ ଖୋଲାଯିବ । ଏନେଇ କେନ୍ଦ୍ର ଆୟୁଷ ମନ୍ତ୍ରୀ ପ୍ରତାପ ରାଓ ଯାଦବ କହିଛନ୍ତି, ମନ୍ତ୍ରଣାଳୟ ପ୍ରଧାନମନ୍ତ୍ରୀଙ୍କ ଉଦ୍ୟମକୁ ସାକାର କରିବା ପାଇଁ ଦେଶର ଘରେ ଘରେ ଆୟୁର୍ବେଦ ଚିକିତ୍ସା ଉପଲବ୍ଧ କରାଇବାକୁ ପ୍ରତିଶ୍ରୁତିବଦ୍ଧ । ନୂଆଦିଲ୍ଲୀ ସ୍ଥିତ ସର୍ବଭାରତୀୟ ଆୟୁର୍ବେଦ ପ୍ରତିଷ୍ଠାନରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ଯାଦବ କହିଛନ୍ତି, ସମଗ୍ର ବିଶ୍ୱରେ ଯୋଗ ଓ ଆୟୁର୍ବେଦ ପ୍ରତି ଲୋକମାନଙ୍କ ଆସ୍ଥା ବୃଦ୍ଧି ପାଉଛି । ଦେଶରେ ଅଧିକ ଆୟୁଷ ପ୍ରତିଷ୍ଠାନ ନିର୍ମାଣ କରାଗଲେ ପାରମ୍ପରିକ ଔଷଧର ପ୍ରୟୋଗ ବୃଦ୍ଧି ପାଇବ ।

## ଇସ୍ରାଏଲ୍-ହମାସ ଯୁଦ୍ଧ ବିରତି

ଇସ୍ରାଏଲ୍ ଏବଂ ହମାସ୍ ମଧ୍ୟରେ ଗାଜାରେ ଚାଲିଥିବା ଲଢ଼େଇକୁ ୩ ଦିନ ପାଇଁ ବନ୍ଦ ରଖିବାକୁ ଉଭୟ ପକ୍ଷ ମଧ୍ୟରେ ସହମତି ପ୍ରକାଶ ପାଇଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଜଣେ ବରିଷ୍ଠ ଅଧିକାରୀଙ୍କଠାରୁ

ମିଳିଥିବା ସୂଚନା ଅନୁଯାୟୀ ଏହି ଯୁଦ୍ଧ ବିରତିର ଉଦ୍ଦେଶ୍ୟ ହେଉଛି ଗାଜାରେ ୬ଲକ୍ଷ ୪୦ ହଜାର ଶିଶୁଙ୍କ ପୋଲିଓ ଟିକାକରଣ ଅଭିଯାନକୁ ସୁଗମ କରିବା । ଗାଜାରେ ଏକ ୧୦ମାସର ଶିଶୁ ଆଂଶିକ ପକ୍ଷାଘାତ ହୋଇଥିବା ନେଇ ଖବର ପ୍ରକାଶ ପାଇବା ପରେ ଦୁଇପକ୍ଷ ମଧ୍ୟରେ ଏଭଳି ରାଜିନାମା ହୋଇଛି । ଗତ ୨୫ ବର୍ଷ ମଧ୍ୟରେ ଗାଜାରେ ପୋଲିଓର ଏହା ହେଉଛି ପ୍ରଥମ ମାମଲା । ଆଜିଠାରୁ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଗାଜାର ବିଭିନ୍ନ ଅଞ୍ଚଳରେ ପୋଲିଓ ଟିକାକରଣ କାର୍ଯ୍ୟ ଚାଲିବ । ପାଲେଷ୍ଟାଇନ୍‌ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ, ୟୁନିସେଫ୍ ଏବଂ ୟୁ.ଏନ୍.ଆର୍.ଡବ୍ଲୁ.ଏ. ମିଳିତ ଭାବେ ଏହି ଟିକାକରଣ ଅଭିଯାନ ପରିଚାଳନା କରୁଛନ୍ତି । ଏଥିପାଇଁ ୨ହଜାରରୁ ଅଧିକ ସ୍ୱାସ୍ଥ୍ୟକର୍ମୀ ଓ ସ୍ୱେଚ୍ଛାସେବୀଙ୍କୁ ତାଲିମ ପ୍ରଦାନ କରାଯାଇଛି । ଏହି ଅଭିଯାନକୁ ସଫଳ କରିବା ପାଇଁ ହମାସ୍ ଅଧିକାରୀ ବାମେସ୍ ନାଇମ୍ ଆନ୍ତର୍ଜାତିକ ସଂଗଠନ ଗୁଡ଼ିକର ସହଯୋଗ କାମନା କରିଛନ୍ତି ।

ଅନ୍ୟପକ୍ଷରେ ଇସ୍ରାଏଲ୍ ପ୍ରଧାମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ କହିଛନ୍ତି ଏହି ବିରତିକୁ ଅସ୍ତ୍ରବିରତି ଭାବେ ଗ୍ରହଣ କରାଯିବା ଉଚିତ ନୁହେଁ ।

## ବାଂଲାଦେଶୀ ନାଗରିକ ଗିରଫ

ତ୍ରିପୁରାରେ ବେଆଇନ ପ୍ରବେଶ ଅଭିଯୋଗରେ ୯ଜଣଙ୍କୁ ଗିରଫ କରାଯାଇଛି । ସେମାନଙ୍କ ମଧ୍ୟରେ ୭ ଜଣ ବାଂଲାଦେଶୀ ନାଗରିକ ଏବଂ ୨ ଜଣ ରୋହିଙ୍ଗ୍ୟା ଅନ୍ତର୍ଭୁକ୍ତ । ସୀମା ସୁରକ୍ଷା ବଳ ଓ ସରକାରୀ

ରେଳବାଇ ପୋଲିସ୍ ପକ୍ଷରୁ ସେମାନଙ୍କୁ ଗିରଫ କରାଯାଇଛି ବୋଲି ବିଏସ୍ଏଫର ଜଣେ ମୁଖପାତ୍ର କହିଛନ୍ତି । ସେ କହିଛନ୍ତି ତ୍ରିପୁରାର ଖୋଓ୍ୱାଇ ଜିଲ୍ଲାର ରଙ୍ଗିଚେରା ସୀମାନ୍ତ ଘାଟି ଅତିକ୍ରମ କରି ଭାରତକୁ ପ୍ରବେଶ କରୁଥିବା ବେଳେ ଜଣେ ମହିଳା ଏବଂ ଗୋଟିଏ ଝିଅକୁ ମିଶାଇ ୩ ଜଣ ବାଂଲାଦେଶୀଙ୍କୁ ଗିରଫ କରାଯାଇଥିଲା । ସେମାନଙ୍କଠାରୁ ସୂଚନା ମିଳିବା ପରେ ପୋଲିସ୍ ସହଯୋଗରେ ଅନ୍ୟମାନଙ୍କୁ ଗିରଫ କରାଯାଇଛି ।

## ବିଶ୍ୱ ଦକ୍ଷତା ପ୍ରତିଯୋଗିତା

ଫ୍ରାନ୍ସରେ ଆୟୋଜିତ ହେବାକୁ ଥିବା ବିଶ୍ୱ ଦକ୍ଷତା ପ୍ରତିଯୋଗିତା - ୨୦୨୪ରେ ଭାଗନେବା ପାଇଁ ଭାରତର ୬୦ ଜଣ ପ୍ରତିଯୋଗୀ ମନୋନୀତ ହୋଇଛନ୍ତି । ୬୧ଟି ଦକ୍ଷତା ବର୍ଗରେ ସେମାନେ ଅଂଶଗ୍ରହଣ କରିବେ ବୋଲି ଦକ୍ଷତା ବିକାଶ ଏବଂ ଉଦ୍ୟୋଗ ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ ସୂଚନା ଦେଇଛନ୍ତି । ଆସନ୍ତା ୬ ତାରିଖରୁ ଏହି ପ୍ରତିଯୋଗିତା ଆରମ୍ଭ ହେବ । ପ୍ରତି ୨ବର୍ଷରେ ହେଉଥିବା ଏହି ପ୍ରତିଯୋଗିତାକୁ ଦକ୍ଷତା ବିକାଶ କ୍ଷେତ୍ରରେ ଅଲିମ୍ପିକ୍ସର ମାନ୍ୟତା ପ୍ରଦାନ କରାଯାଇଥାଏ ।

## ପାରା ଅଲିମ୍ପିକ୍ସ

ପ୍ୟାରିସ୍ ଠାରେ ଚାଲିଥିବା ପାରା ଅଲିମ୍ପିକ୍ସ କ୍ରୀଡ଼ାରେ ଭାରତୀୟ ପାରା ବନ୍ଧୁକଚାଳକ ରୁବିନା ଫ୍ରାନ୍ସିସ୍ ମହିଳା ବର୍ଗର ଦଶ ମିଟର୍ ଏୟାର୍

ପିସ୍ତଲ ଚାଳନା ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ରୁବିନାଙ୍କୁ ଏହି ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି ।

ମନୀଷା ରାମଦାସ ଏବଂ ମନ୍‌ଦୀପ କୌର ବ୍ୟାଡମିଣ୍ଟନରେ ଭାରତ ପାଇଁ ପଦକର ଆଶା ବଞ୍ଚାଇ ରଖିଛନ୍ତି । ଏସୟୁ-୫ ମହିଳା ବର୍ଗରେ ମନୀଷା କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ଏସ୍‌ଏଲ୍-୩ ମହିଳା ବର୍ଗରେ ମନଦୀପ କୌର କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟରେ ପହଞ୍ଚିଛନ୍ତି । ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ପୁରୁଷ ଏକକ ଏସ୍‌ଏଲ୍-୪ ବର୍ଗରେ ସୁକାନ୍ତ କଦମ୍ବ ଏବଂ ସୁହାସ୍ ଯତିରାଜ ସେମିଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ସେମିଫାଇନାଲ୍‌ରେ ଉଭୟ ପରସ୍ପରକୁ ଭେଟିବେ ।

ଅନ୍ୟପକ୍ଷରେ ପୁରୁଷ ବର୍ଗର ୧୦ ମିଟର ଏୟାର୍ ରାଇଫଲ୍ ପ୍ରତିଯୋଗିତାରେ ଭାରତର ସ୍ୱରୂପ ଉନ୍‌ହଲକର ସେମିଫାଇନାଲ୍‌ରେ ପରାସ୍ତ ହୋଇଛନ୍ତି ।

## ବଧିର- ବନ୍ଧୁକଚାଳନା ପ୍ରତିଯୋଗିତା

ଜର୍ମାନ୍‌ର ହାନୋଭର ଠାରେ ଚାଲିଥିବା ବଧିର ବନ୍ଧୁକ ଚାଳନା ପ୍ରତିଯୋଗିତାରେ ଭାରତ ୪ଟି ପଦକ ଜିତିଛି । ଏଥିରେ ଗୋଟିଏ ସ୍ୱର୍ଣ୍ଣ,

ଦୁଇଟି ରୌପ୍ୟ ଏବଂ ଗୋଟିଏ କାଂସ୍ୟ ପଦକ ଅନ୍ତର୍ଭୁକ୍ତ। ଅନ୍ୱିୟା ପ୍ରସାଦ ୧୦ମିଟର ଏୟାର ପିସ୍ତଲ ପ୍ରତିଯୋଗିତାର ମହିଳା ବର୍ଗରେ ସ୍ୱର୍ଣ୍ଣପଦକ ଜିତିଥିବା ବେଳେ ଏହି ପ୍ରତିଯୋଗିତାର ପୁରୁଷ ବର୍ଗରେ ଅଭିନବ ଦେଶୱାଲ ରୌପ୍ୟ ପଦକ ଜିତିଛନ୍ତି । ସେହିଭଳି ୧୦ ମିଟର ଏୟାର ରାଇଫଲ୍ ପ୍ରତିଯୋଗିତାର ଦଳଗତ ବର୍ଗରେ ଅଭିନବ ଦେଶୱାଲ, ଶୁଭମ୍ ବଶିଷ୍ଟ ଏବଂ ଚେତନ ସପ୍‌କାଲ୍ ରୌପ୍ୟ ପଦକ ହାସଲ କରିଥିବା ବେଳେ ଏକକ ବର୍ଗରେ ଶୁଭମ ବ୍ରୋଞ୍ଜ ପଦକ ପାଇଛନ୍ତି । ଏହି ପ୍ରତିଯୋଗିତାରେ ୧୬ଟି ରାଷ୍ଟ୍ରର ଅଣସ୍ତୁରୀ ଜଣ ପ୍ରତିଯୋଗି ଅଂଶ ଗ୍ରହଣ କରିଥିଲେ ।